ପାଠ-୧୧

# ନଇଁ ଗଲା ଆପେ ମଥା

## STUDY NOTES



ରକ୍ତ ରଞ୍ଜିତ ମାଟି ମା ବକ୍ଷ

ବୀର ପୁତ୍ର ଜନନୀର

ଶତ୍ରୁର ପଥେ ଖେଳିଥିଲେ ହୋଲି

ବଳୀ ଦେଇ ନିଜେ ଶିର

ସେ ଅମର ଗାଥା ଏବେ ବି ଶୁଣାଏ

ଓଡିଆର ଇତିହାସ ।

ପିଲାମାନେ ଉପରୋକ୍ତ ପଦ୍ୟାଂଶଟି ଭଲ ଭାବରେ ପଢ କଣ ବୁଝୁଛ କହିଲ ? ଠିକ୍ ବୁଝିଛ ଏମିତି ଅନେକ ମହାପୁରୁଷ ଅଛନ୍ତି ଯେଉଁମାନେ ନିଜ ମାତୃଭୂମି ପାଇଁ ନିଜର ଜୀବନ ଦେବାକୁ ପଛାଇ ନାହାନ୍ତି । ସେମାନଙ୍କ ମଧ୍ୟରେ ଜୟୀ ରାଜଗୁରୁ, ଗୋପବନ୍ଧୁ ଦାସ, ମଧୁସୁଦନ ଦାସ, ବାଜି ରାଉତ ଆହୁରି ଅନେକ ।

ODM EDUCATIONAL GROUP Changing your Tomorrow







ଏମାନଙ୍କ ମଧ୍ୟରୁ ଗୋପବନ୍ଧୁ ଦାସ ଅନ୍ୟତମ। ଆଜି ଯେଉଁ ସୁନ୍ଦର କବିତାଟି ଆମେ ପଢ଼ିବା ସେଥିରେ ଗୋପବନ୍ଧୁ ଦାସଙ୍କ ମହାନତା ଉପରେ ଆଲୋକପାତ ହୋଇଛି।

ତାହା ହେଲେ ଚାଲ କବିତାଟି ଭଲ ଭାବରେ ପଢିବା ବୁଝିବା ଏବଂ ତା ସମ୍ପର୍କିତ କିଛି ପ୍ରଶ୍ନ ଉତ୍ତର କରିବା।

ନଇଁ ଗଲା ଆପେ ମଥା କବିତାଟିର କବି ଶ୍ରୀ ବଟକୃଷ୍ଣ ଓଝାଙ୍କ ଲିଖିତ କବିତାଟି ଖୁବ୍ ହୃଦୟସ୍ପର୍ଶୀ ଓ କିଛି ଶିକ୍ଷାଭିତ୍ତିକ କବିତାଟି ହୋଇପାରିଛି।

ଗୋପବନ୍ଧୁ ଦାସ ଛୋଟବେଳୁ ଥିଲେ ମାତୃଭୂମି ପ୍ରେମି। ଅସହାୟ ଓ ଦୁଃଖୀଦରିଦ୍ରଙ୍କ ସେ ଦେଖି ପାରୁନଥିଲେ । ତେଣୁ ସେ କେତେ ଜଣ ସହକର୍ମୀ ଅର୍ଥ ନିଜ ସହ କିଛି ଲୋକଙ୍କୁ ନେଇ କାମ କରିବା। ସେମାନଙ୍କ ମଧ୍ୟରେ ଥିଲେ ସହକର୍ମୀ ଅନନ୍ତ।

ଅନନ୍ତ ମଧ୍ୟ ଗୋପବନ୍ଧୁଙ୍କ ସହ ମିଶି ଗରିବ ଲୋକଙ୍କ ସେବା କରନ୍ତି। ଅନନ୍ତ ସାଇକେଲ କିଣିବା ପାଇଁ ପଇସା ସଞ୍ଚୟ କରି ରଖିଥିଲେ। ଏ କଥା ଯେତେବେଳେ ଗୋପବନ୍ଧୁ ଜାଣିବାକୁ ପାଇଲେ ସେତେବେଳେ ସେହି ଅର୍ଥ ଅନନ୍ତଙ୍କ ଠାରୁ ଧାର ରୂପରେ ମାଗିଲେ। ଅନନ୍ତ ସେହି ସଞ୍ଚିତ ଅର୍ଥକୁ ଗୋପବନ୍ଧୁଙ୍କୁ ଦେଇ ଦେଲେ। ଗୋପବନ୍ଧୁ ମଧ୍ୟ ନବା ସମୟରେ ଏ ମଧ୍ୟ ଅନନ୍ତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଯେ ଦୁଇ ଚାରି ଦିନ ପରେ ଟଙ୍କା ଫେରାଇ ଦେବେ। କିନ୍ତୁ ଗୋପବନ୍ଧୁ ଗୋଟିଏ ବର୍ଷ ଅତିକ୍ରମ କଲାପରେ ମଧ୍ୟ ଫେରାଇ ନ ଥିଲେ। ମନେ ମନେ ଅନନ୍ତ ଝୁରି ହେଲେ ଗୋପବନ୍ଧୁ ବାବୁ ଟଙ୍କା ଫେରାଇ ଦେବା ଲୋକ କାହିଁକି ଏତେ ଦିନ ହେଲା ସେ ଫେରାଇଲେ ନାହିଁ। ଚାଲି ଚାଲି ପାଣି କାଦୁଅରେ ସେ ଥକି ପଡିଲେଣି। ତେଣୁ ଗୋପବନ୍ଧୁଙ୍କୁ ଟଙ୍କା ମାଗିବା ପାଇଁ ସ୍ଥିର କଲେ। ଗୋପବନ୍ଧୁଙ୍କୁ ଟଙ୍କା ମାଗିବାରୁ ଗୋପବନ୍ଧୁ ଅଳ୍ପ ହସି ତାଙ୍କର ଟଙ୍କା କଥା ମନେ ଅଛି ଏବଂ କହିଲେ ଅନନ୍ତ ତମେ ସାଇକେଲ କିଣିବା ପାଇଁ ଅର୍ଥ ଯୋଗାଡ କରିଥିଲ ଯଦି ତମେ ସାଇକେଲରେ ଯିବା ଆସିବା କରିବ ତେବେ ତୁମେ ପାଣି କାଦୁଅ ବାଟରେ କିମ୍ବା ଅପନ୍ତରା ବାଟରେ ନ ଯାଇ ସଡକ ପଥରେ ଯିବ। ତେଣୁ

ତୁମେ ଯେଉଁ ଦୁଃଖୀ ରଙ୍କି ଙ୍କ ସେବା କରୁଛ ତେବେ ତୁମେ ଏହା କିପରି କରିବ। ଏହା ଶୁଣି ଅନନ୍ତ ଲଜ୍ଜିତ ଅନୁଭବ କଲେ। ଗୋପବନ୍ଧୁ ମଧ୍ୟ ଏହା କହିଲେ ଯେ ଆମେ ଯେଉଁ ଗରିବ , ଦୁଃଖୀ ଦରିଦ୍ରଙ୍କ ସେବା କରୁଛେ ତାହା ସରଗର ସୌନ୍ଦର୍ଯ୍ୟ ଭଳି ଖୁବ୍ ସୁନ୍ଦର ଏବଂ ଭଗବାନଙ୍କ ଆମ ପ୍ରତି ଆର୍ଶୀବାଦ।

ଅତିରିକ୍ତ ପ୍ରଶ୍ନ ଉତ୍ତର।

୧ ) ଦୂର ଗାଆଁ ବାଟ ଯିବା ପାଇଁ ଅନନ୍ତ କଣ ଚିନ୍ତା କରିଥିଲେ ?

ଉ- ଦୂର ଗାଆଁ ବାଟ ଯିବା ପାଇଁ ଅନନ୍ତ ସାଇକେଲ କିଣିବା ପାଇଁ ଅର୍ଥ ସଞ୍ଚୟ କରିଥିଲେ।

୨ ) ଅନନ୍ତ ଓ ଗୋପବନ୍ଧୁ କେଉଁ କାମ ସବୁ କରୁଥିଲେ ?

ଉ- ଅନନ୍ତ ଓ ଗୋପବନ୍ଧୁ ବାବୁ ଘର ଘର ବୁଲି ଲୋକଙ୍କୁ ସାହର୍ଯ୍ୟ କରୁଥିଲେ ଭୋକିଲା ଲୋକର କଥା ବୁଝୁଥିଲେ ?

୩) ଗୋପବନ୍ଧୁଙ୍କ ଏଠାରେ କେଉଁ ସ୍ୱଭାବ ଜଣା ପଡୁଛି ?

ଉ- ଗୋପବନ୍ଧୁଙ୍କର ଏଠାରେ ସମାଜପ୍ରତି ଭଲ ପାଇବା, ଦୁଃଖୀ ଦରିଦ୍ରଙ୍କ ପ୍ରତି ସାହର୍ଯ୍ୟର ହାତବଢାଇବା ଥିଲା ତାଙ୍କର ପ୍ରକୃତ ସ୍ୱଭାବ।

୪ ) ସଂଶୋଧନ କରି ଲେଖ।

ଦାଶେ-ଦାସେ

ଦୁର-ଦୂର

ଉଣ୍ଡୀ- ଉଣ୍ଡି

ବରସା-ବରଷା

ଦୁଃଖି -ଦୁଃଖୀ

ସୁଶମା-ସୁଷମା

♦♦♦